# NATIONAL NEWS BULLETIN (ODIA)

**5 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଲୋକସଭା ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ ଏନଡିଏ ଏବଂ ଇଣ୍ଡି ମେଣ୍ଟ ପକ୍ଷରୁ ବିଚାର ଆଲୋଚନା ।
- ସପ୍ତଦଶ ଲୋକସଭାକୁ ଭଙ୍ଗା କରିବା ଲାଗି କେନ୍ଦ୍ର କ୍ୟାବିନେଟ୍‌ର ସୁପାରିଶ୍ ।
- ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନବୀନ ପଟ୍ଟନାୟକ ।
- ଆଜି ହେଉଛି ବିଶ୍ୱ ପରିବେଶ ଦିବସ ।

ଏବଂ

- ଟି-୨୦ ବିଶ୍ୱକପ୍ ସିରିଜ୍‌ରେ ଆଜି ଭାରତ’ ଆୟାରଲ୍ୟାଣ୍ଡ ବିପକ୍ଷରେ ଖେଳିବ ପ୍ରଥମ ମ୍ୟାଚ୍ ।

---

## କ୍ୟାବିନେଟ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ବାସଭବନରେ କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି । କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ନୀତିନ ଗଡ଼କରୀ, ରାଜନାଥ ସିଂଙ୍କ ସମେତ କ୍ୟାବିନେଟ୍‌ର ଅନ୍ୟ ମନ୍ତ୍ରୀଗଣ ଏହି ବୈଠକରେ ଯୋଗ ଦେଇଥିଲେ । ସପ୍ତଦଶ ଲୋକସଭାକୁ

ଭଙ୍ଗ କରିବା ଲାଗି ସୁପାରିଶ୍ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିଭଳି ନୂତନ ସରକାର ଗଠନ ନେଇ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ପିଏମ୍-ଗ୍ଲୋବାଲ୍ ଲିଡର୍ସ

ଲୋକସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତୀୟ ଜନତା ପାର୍ଟିକୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନେତା ଅଭିନନ୍ଦନ ଜଣାଇଛନ୍ତି । ଇଟାଲୀ, ମରିସସ୍, ଭୁଟାନ୍, ନେପାଳ, ମାଳଦୀପ ଏବଂ ଶ୍ରୀଲଙ୍କାର ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀଲଙ୍କା ରାଷ୍ଟ୍ରପତି ରନୀଲ ବିକ୍ରମ ସିଂଘେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଦୁଇଦେଶ ମଧ୍ୟରେ ସଂପର୍କ ଅଧିକ ସୁଦୃଢ଼ ହେବ ବୋଲି ଆଶା ପୋଷଣ କରିଛନ୍ତି । ଭୁଟାନର ପ୍ରଧାନମନ୍ତ୍ରୀ ସେରିଂ ତୋବ୍‌ଗେ ମଧ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁରୂପ ବାର୍ତ୍ତା ପ୍ରଦାନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱନେତାଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ଭାଗିଦାରୀତାରେ ମିଳିମିଶି କାର୍ଯ୍ୟ କରିବାକୁ ଆଗ୍ରହୀ ଅଛନ୍ତି ବୋଲି କହିଛନ୍ତି ।

## ଓଡ଼ିଶା ରେଜିନେସନ୍

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜଭବନ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳର ପରାଜୟ ପରେ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ଲଗାତାର ୫ଥର ବିଜୟଲାଭ

କରି ୨୪ ବର୍ଷ ୩ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ । ୨୦୦୫ ମସିହା ମାର୍ଚ୍ଚ ୫ ତରିଖରେ ସେ ପ୍ରଥମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ ଚଳିତ ନିର୍ବାଚନରେ ବିଧାନସଭାର ୧୪୭ଟି ଆସନ ମଧ୍ୟରୁ ବି.ଜେ.ପି. ୭୮ଟି ଆସନରେ ବିଜୟଲାଭ କରି ବହୁମତ ହାସଲ କରିଛି । ଅନ୍ୟପକ୍ଷରେ ବିଜେଡ଼ି ୫୧ଟି ଆସନରେ, କଂଗ୍ରେସ ୧୪ଟି ଏବଂ ସ୍ୱାଧୀନକୁ ମିଶାଇ ଅନ୍ୟାନ୍ୟ ୪ଟି ଆସନରେ ବିଜୟୀ ହୋଇଛନ୍ତି ।

## ଗଭ୍-ଫର୍ମେସନ୍

ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ ଏନଡିଏ ଏବଂ ଇଣ୍ଡି ମେଣ୍ଟ ପକ୍ଷରୁ ସରକାର ଗଠନ ନେଇ ବିଚାର ଆଲୋଚନା ଜାରି ରହିଛି ।

ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ. ୨୯୨ଟି ଆସନ ହାସଲ କରିଥିବା ବେଳେ ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜେ.ଡି.ୟୁ. ୧୨ଟି ଆସନ ଅକ୍ତିଆର କରିଛି । ସେହିଭଳି କଂଗ୍ରେସ ଏକାକୀ ୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ସିଟ୍ ହାସଲ କରିଛି । ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ ଆଜି ନୂଆଦିଲ୍ଲୀଠାରେ ଏନ୍‌ଡିଏ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ

ରହିଛି । ଲୋକଜନଶକ୍ତି ପାର୍ଟି (ରାମବିଳାଶ) ନେତା ଚିରାଗ ପାଶ୍ୱାନ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ନିର୍ବାଚନରେ ତାଙ୍କ ଦଳର ପ୍ରଦର୍ଶନକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଭିନନ୍ଦନ ଜଣାଇଛନ୍ତି । ଆଜି ଏନ୍‌ଡିଏ ବୈଠକ ଅନୁଷ୍ଠିତ ହେବା ନେଇ ଶ୍ରୀ ଶାହା ତାଙ୍କୁ ଅବଗତ କରାଇଛନ୍ତି ବୋଲି ଶ୍ରୀ ପାଶ୍ୱାନ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନଡିଏ ମେଣ୍ଟକୁ ଜନତାଦଳ ୟୁନାଇଟେଡ୍  ସଂପୂର୍ଣ୍ଣ ସମର୍ଥନ କରୁଛି ବୋଲି ଘୋଷଣା କରିଛି । ଏ ସଂପର୍କରେ ସୂଚନା ଦେଇ ଦଳର ମୁଖପାତ୍ର କେ.ସି. ତ୍ୟାଗୀ କହିଛନ୍ତି ଇଣ୍ଡି ମେଣ୍ଟକୁ ଜେଡିୟୁ ପୁନର୍ବାର ଫେରିବାର  ସମ୍ଭାବନା ନାହିଁ । ସେ କହିଛନ୍ତି ତାଙ୍କ ଦଳ ବିହାରର ବିକାଶ ପାଇଁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଚାହୁଁଛି । ଇଣ୍ଡି ମେଣ୍ଟ ଗୁଜବର ଏକ କେନ୍ଦ୍ର ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ଏନ୍‌ଡିଏ ବୈଠକରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମର୍ଥନ କରିବା ନେଇ ପତ୍ର ପ୍ରଦାନ କରିବେ ବୋଲି ଶ୍ରୀ ତ୍ୟାଗୀ ସ୍ପଷ୍ଟ କରିଛନ୍ତି ।

ଟିଡିପି ମୁଖ୍ୟ ଏନ୍.ଚନ୍ଦ୍ରବାବୁ ନାଇଡୁ ଆଜି ଆନ୍ଧ୍ରପ୍ରଦେଶର ଅମରାବତୀ ସ୍ଥିତ ନିଜ ବାସଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଛନ୍ତି ସେ ଏନ୍‌ଡିଏ ବୈଠକରେ ଯୋଗଦେବେ । ଆନ୍ଧ୍ରବାସୀଙ୍କୁ ଟିଡିପିକୁ ସମର୍ଥନ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ବିଜେପି, ଜନସେନା ଏବଂ ଟିଡିପିର ଏହା ସମ୍ମିଳିତ ପ୍ରୟାସର

ପ୍ରତିଫଳନ । ଆନ୍ଧ୍ରପ୍ରଦେଶକୁ ବିକାଶ ଦିଗରେ ଆଗେଇନେବାରେ ଏନଡିଏ ସରକାରର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଇଣ୍ଡି ମେଣ୍ଟର ଏକ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବ ଇଣ୍ଡି ମେଣ୍ଟ ବୈଠକରେ ଯୋଗଦେବାକୁ ଆଜି ଦିଲ୍ଲୀ ଗସ୍ତ କରିବେ ।

ଅନ୍ୟପକ୍ଷରେ ଗତକାଲିର ଫଳାଫଳ ଅନୁଯାୟୀ ଉତ୍ତର ପ୍ରଦେଶରେ ୮୦ଟି ଲୋକସଭା ଆସନ ମଧ୍ୟରୁ ୩୭ଟି ସମାଜବାଦୀ ପାର୍ଟି ହାସଲ କରିଥିବା ବେଳେ ବିଜେପି ୩୩ଟି ଆସନରେ, କଂଗ୍ରେସ ୬, ରାଷ୍ଟ୍ରୀୟ ଲୋକଦଳକୁ ୨ ଆସନ ମିଳିଥିବା ବେଳେ  ବି.ଏସ୍.ପି. କୌଣସି ଆସନରେ ସଫଳତା ପାଇନାହିଁ ।

ସେହିଭଳି ବିହାରର ୪୦ଟି ଲୋକସଭା ଆସନ ମଧ୍ୟରୁ ବିଜେପି ଏବଂ ଜନତା ଦଳ ୟୁନାଇଟେଡ୍ ୧୨ଟି ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି ।  ଲୋକଜନଶକ୍ତି ପାର୍ଟି (ରାମବିଳାଶ) ୫ଟି ଆସନରେ, ରାଷ୍ଟ୍ରୀୟ ଜନତା ଦଳ ୪ଟି ଆସନରେ, କଂଗ୍ରେସ ଏବଂ ସିପିଆଇଏମ୍(ଏମ୍ଏଲ୍) ଦୁଇଟି ଲେଖାଏଁ ଆସନରେ, ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା (ସେକୁଲାର୍) ଗୋଟିଏ ଆସନରେ ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନ ହାସଲ କରିଛନ୍ତି ।

ଦିଲ୍ଲୀର ସମସ୍ତ ୭ଟି ଯାକ ଆସନରେ ବିଜେପି ବିଜୟ ଲାଭ କରିଛି । ସେହିଭଳି ପଞ୍ଜାବର ୧୩ଟି ଆସନ ମଧ୍ୟରୁ କଂଗ୍ରେସ ୭ଟି, ଆମ୍ ଆଦମୀ ପାର୍ଟି ୩ଟି, ସିରୋମଣି ଅକାଳୀ ଦଳ ଗୋଟିଏ ଏବଂ ସ୍ୱାଧୀନ ପ୍ରାର୍ଥୀ ୨ଟି ଆସନରେ ବିଜୟୀ ହୋଇଛନ୍ତି । ହରିଆନାରେ ବିଜେପି ଏବଂ କଂଗ୍ରେସ ୫ଟି ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି ।

ଚଣ୍ଡିଗଡ଼ ଲୋକସଭା ଆସନରୁ କଂଗ୍ରେସ ଜିତିଛି ।

ଜାମ୍ମୁ କାଶ୍ମୀରର ୫ଟି ଆସନ ମଧ୍ୟରୁ ବିଜେପି ଏବଂ ନ୍ୟାସନାଲ୍ କନ୍‌ଫରେନ୍ସ ଦୁଇଟି ଲେଖାଏଁ ଆସନ ହାସଲ କରିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି ।

ଲଦାଖ ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ହିମାଚଳ ପ୍ରଦେଶରେ ବିଜେପି ୪ଟି ଲୋକସଭା ଆସନରେ ବିଜୟ ହାସଲ କରିଛି । ଉତ୍ତରାଖଣ୍ଡରେ ବିଜେପି ୫ଟି ଲୋକସଭା ଆସନ ହାସଲ କରିଛି ।

ରାଜସ୍ଥାନର ୨୫ଟି ଲୋକସଭା ଆସନରୁ ବିଜେପି ୧୪ଟିରେ ଏବଂ କଂଗ୍ରେସ ୮ଟିରେ ବିଜୟ ହାସଲ କରିଛି । ସିପିଆଇଏମ୍, ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ଦଳ ଓ ଭାରତ ଆଦିବାସୀ ପାର୍ଟି ଗୋଟିଏ ଲେଖାଏଁ ଆସନ ହାସଲ କରିଛନ୍ତି ।

ଗୁଜରାଟରେ ୨୬ଟି ଆସନରୁ ବିଜେପି ୨୫ଟିରେ ବିଜୟ ଲାଭ କରିଥିବା ବେଳେ କଂଗ୍ରେସ ଗୋଟିଏ ଆସନ ପାଇଛି ।

ମହାରାଷ୍ଟ୍ରରେ ବିଜେପି ୪୮ଟି ଆସନ ମଧ୍ୟରୁ ୯ଟିରେ ବିଜୟ ହାସଲ କରିଛି । କଂଗ୍ରେସ ୧୩ଟି, ଶିବସେନା ଉଧବ ୯ଟି, ଶିବସେନା ଏସ୍.ଏଚ୍.ଏସ୍. ୭ଟି, ଏନ୍.ସି.ପି. ଶରଦ ପାୱାର ୭ଟି ଆସନରେ ବିଜୟ ହାସଲ କରିଛି ।

ଗୋଆରେ କଂଗ୍ରେସ ଗୋଟିଏ ଆସନ ଏବଂ ବିଜେପି ଗୋଟିଏ ଆସନ ପାଇଛି । ମଧ୍ୟପ୍ରଦେଶରେ ବିଜେପି ୨୯ଟି ଯାକ ସିଟ୍ ହାସଲ କରିଛି ।

ଛତିଶଗଡ଼ରେ ବିଜେପି ୧୦ଟି ଆସନ ପାଇଥିବା ବେଳେ କଂଗ୍ରେସ ଗୋଟିଏ ଆସନ ହାସଲ କରିଛି ।

ଓଡ଼ିଶାରେ ବିଜେପି ୨୧ଟି ଆସନରୁ ୨୦ଟିରେ ବିଜୟ ଲାଭ କରି ଅଭୁତପୂର୍ବ ସଫଳତା ହାସଲ କରିଛି । କଂଗ୍ରେସ ଗୋଟିଏ ଆସନ ପାଇଛି, ବିଜେଡ଼ି କୌଣସି ଆସନରେ ଜିତିପାରି ନାହିଁ ।

ଝାଡ଼ଖଣ୍ଡରେ ୧୪ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୮ଟି, ଜେ.ଏମ୍.ଏମ୍. ୩ଟି, କଂଗ୍ରେସ ୨ଟି, ଏ.ଜେ.ଏସ୍.ୟୁ. ଗୋଟିଏ ଆସନରେ ବିଜୟ ହାସଲ କରିଛି ।

ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ୨୯ଟି ସିଟ୍ ପାଇଛି । ବିଜେପି ୧୨ଟି ବିଜୟ ହାସଲ କରିଛି ।

ଆସାମରେ ବିଜେପି ୯ଟି ଆସନ ଅକ୍ତିଆର କରିଛି । କଂଗ୍ରେସ ୩ଟି, ୟୁନାଇଟେଡ୍ ପିପୁଲ୍ସ ପାର୍ଟି (ଲିବେରାଲ୍) ଏବଂ ଆସାମ ଗଣପରିଷଦ ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି ।

ତ୍ରିପୁରାରେ ବିଜେପି ୨ଟି ଯାକ ଆସନ ଅକ୍ତିଆର କରିଛି । ଅରୁଣାଚଳ ପ୍ରଦେଶର ଏକମାତ୍ର ଆସନ ବିଜେପି ହାସଲ କରିଛି । ମଣିପୁରରେ କଂଗ୍ରେସ ୨ଟି ଯାକ ଆସନ ହାସଲ କରିଛି । ମିଜୋରାମ୍‌ରେ ଜେଡ୍.ପି.ଏମ୍. ଗୋଟିଏ ଆସନ ହାସଲ କରିଛି ।

ନାଗାଲାଣ୍ଡ ଏବଂ ମେଘାଳୟରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ମେଘାଳୟରେ ଭଏସ୍ ଅଫ୍ ପିପୁଲ୍ ପାର୍ଟି ଗୋଟିଏ ଆସନରେ ବିଜୟୀ ହୋଇଛି । ସିକ୍କିମ୍‌ରେ ଏସ୍.କେ.ଏମ୍. ଗୋଟିଏ ଆସନ ହାସଲ କରିଛି । ଆଣ୍ଡାମାନ ନିକୋବର ଲୋକସଭା ଆସନ ବିଜେପି ସପକ୍ଷରେ ଯାଇଛି । ଦାଦରା ଏବଂ ନଗର ହାଭେଲି ବିଜେପି ଅକ୍ତିଆର କରିଥିବା ବେଳେ ଦାମନ୍ ଏବଂ ଡିଉ ଲୋକସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ଉମେଶ ଭାଇ ବବୁ ଭାଇ ପଟେଲ୍ ବିଜୟୀ ହୋଇଛନ୍ତି ।

ଆନ୍ଧ୍ରପ୍ରଦେଶରେ ୨୫ଟି ଆସନ ମଧ୍ୟରୁ ଟି.ଡି.ପି. ୧୬ଟିରେ, ବିଜେପି ୩ଟି, ୱାଇ.ଏସ୍.ଆର୍.ସି.ପି. ୪ଟି, ଜନସେନା ପାର୍ଟି ୨ଟି ଆସନରେ ବିଜୟ ହାସଲ କରିଛି ।

ତେଲଙ୍ଗାନାର ୧୭ଟି ଆସନ ମଧ୍ୟରୁ ବିଜେପି ଏବଂ କଂଗ୍ରେସ ୮ଟି ଲେଖାଏଁ ଆସନରେ ବିଜୟ ହାସଲ କରିଥିବା ବେଳେ ଏ.ଆଇ.ଏମ୍.ଆଇ.ଏମ୍. ଗୋଟିଏ ଆସନ ପାଇଛି ।

ତାମିଲନାଡୁରେ ୩୯ଟି ଲୋକସଭା ଆସନ ମଧ୍ୟରୁ ଡି.ଏମ୍.କେ. ୨୨, କଂଗ୍ରେସ ୯, ସି.ପି.ଆଇ., ସି.ପି.ଆଇ.ଏମ୍. ଭି.ସି.କେ. ୨ଟି ଲେଖାଏଁ ଆସନ ପାଇଥିବା ବେଳେ ଏମ୍.ଡି.ଏମ୍.କେ. ଏବଂ

ଆଇ.ୟୁ.ଏମ୍.ଏଲ୍. ଗୋଟିଏ ଲେଖାଏଁ ଆସନ ପାଇଛନ୍ତି । କେରଳରେ ୨୦ଟି ଆସନ ମଧ୍ୟରୁ ୟୁ.ଡି.ଏଫ୍. ୧୮ଟି ଆସନ ପାଇଛି । ବିଜେପି ପ୍ରଥମ ଥର ପାଇଁ ତ୍ରିଶୁର ଲୋକସଭା ଆସନରେ ବିଜୟ ହାସଲ କରିଛି । ସି.ପି.ଆଇ.ଏମ୍. ଗୋଟିଏ ସିଟ୍‌ରେ ବିଜୟୀ ହୋଇଛି ।

କର୍ଣ୍ଣାଟକର ୨୮ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୧୭ଟିରେ, କଂଗ୍ରେସ ୯ ଏବଂ ଜେ.ଡି.ଏସ୍. ୨ଟି ଆସନରେ ବିଜୟୀ ହାସଲ କରିଛି । ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ୨୫ଟି ବିଧାନସଭା ଉପନିର୍ବାଚନରେ ବିଜେପି ୧୧ଟି, କଂଗ୍ରେସ ୭ଟି, ସମାଜବାଦୀ ପାର୍ଟି ଏବଂ ତୃଣମୂଳ କଂଗ୍ରେସ ୨ଟି ଲେଖାଏଁ, ସି.ପି.ଆଇ.ଏମ୍.ଏଲ୍., ଜେ.ଏମ୍.ଏମ୍. ଏବଂ ବି.ଏ.ପି. ଗୋଟିଏ ଲେଖାଏଁ ଆସନରେ ବିଜୟ ହାସଲ କରିଛନ୍ତି ।

---

# ପରିବେଶ ଦିବସ

ଆଜି ହେଉଛି ବିଶ୍ୱ ପରିବେଶ ଦିବସ । ପରିବେଶ ସୁରକ୍ଷା ନେଇ ଜନସଚେତନତା ବୃଦ୍ଧି ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଏ । ଚଳିତବର୍ଷର ବାର୍ତ୍ତା ରହିଛି **ଭୂମି ପୁନରୁଦ୍ଧାର କର-ପୃଥିବୀକୁ ପୁର୍ନଜୀବିତ କର** । ୧୯୭୨ ମସିହାରେ ମିଳିତ ଜାତିସଂଘ ଷ୍ଟକ୍‌ହୋମ୍‌ଠାରେ ଆୟୋଜିତ ସାଧାରଣ ସଭାରେ ପରିବେଶ ସୁରକ୍ଷା ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ୧୯୭୩ ମସିହା ଜୁନ୍ ୫ ତାରିଖରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପରିବେଶ ସୁରକ୍ଷା ଦିଗରେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ପୃଥିବୀ ମା'କୁ ସୁରକ୍ଷା ଦେବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ସେ କହିଛନ୍ତି । ପ୍ରାକୃତିକ ସମ୍ପଦର ଆମେ ମାଲିକ ନୁହଁ, ଆମେ ଏହାର ରକ୍ଷକ ହେବା ଉଚିତ । ସେ କହିଛନ୍ତି ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜନଜୀବନ ଉପରେ ଏହାର କୁପ୍ରଭାବ ପଡୁଛି । ଏହାକୁ ପ୍ରତିହତ କରିବା ଲାଗି ରାଷ୍ଟ୍ରପତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ଏହି ଦିବସ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପରିବେଶ ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିବସରେ **ମା'ଙ୍କ ନାମରେ ଗୋଟିଏ ଗଛ** କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପୂର୍ବାହ୍ନରେ ନୂଆଦିଲ୍ଲୀର ବୁଦ୍ଧଜୟନ୍ତୀ ପାର୍କ ଠାରେ ପ୍ରଧାନମନ୍ତ୍ରୀ ଏକ ଚାରା ରୋପଣ କରିଛନ୍ତି । ଦେଶବାସୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଶ୍ରୀ ମୋଦୀ ଆହ୍ୱାନ କରିଛନ୍ତି ।

---

# କ୍ରିକେଟ୍

ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ସିରିଜ୍‌ରେ ଭାରତ ଆଜି ତାର ଅଭିଯାନ ଆରମ୍ଭ କରିବ । ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳିବ । ଭାରତୀୟ

ସମୟ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ । ଗତ ଶନିବାର ଦିନ ବାଙ୍ଗଲାଦେଶ ବିପକ୍ଷରେ ଅଭ୍ୟାସ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୬୦ ରନ୍‌ରେ ବିଜୟୀ ହୋଇଥିଲା ।